# NATIONAL NEWS BULLETIN (ODIA)

## 22 April - 2025

### Morning Bulletin : 7.15 a.m.

*******************************************

## ମୁଖ୍ୟ ସମ୍ବାଦ

- ଦୁଇ ଦିନିଆ ସାଉଦିଆରବ ଗସ୍ତରେ ଯାଇ ଆଜି ଜେଦାହାରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ ।

- ପରିବେଶ ସୁରକ୍ଷା ସମ୍ପର୍କରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ପୃଥିବୀ ଦିବସ ।

– ନୂଆଦିଲ୍ଲୀ ଠାରେ ‘ସେଭ୍ ଆର୍ଥ କନ୍‌କ୍ଲେଭ୍‌କୁ’ ଉଦ୍‌ଘାଟନ କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ପୋପ୍ ଫ୍ରାନ୍‌ସିସ୍‌ଙ୍କ ପରଲୋକରେ କେନ୍ଦ୍ର ସରକାର ଘୋଷଣା କଲେ ତିନି ଦିନିଆ ରାଷ୍ଟ୍ରୀୟ ଶୋକ ।

- ଜୟପୁରକୁ ଗତକାଲିଠାରୁ ତିନି ଦିନିଆ ଗସ୍ତରେ ଯାଇଛନ୍ତି ଆମେରିକାର ଉପରାଷ୍ଟ୍ରପତି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ବିଜୟୀ ।

# ପିଏମ୍-ଭିଜିଟ୍

ସାଉଦି ଆରବକୁ ଦୁଇଦିନିଆ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଜେଦାହ’ରେ ପହଞ୍ଚିବେ । ଶ୍ରୀ ମୋଦୀଙ୍କର ଏହା ହେଉଛି ସାଉଦି ଆରବକୁ ତୃତୀୟ ଗସ୍ତ । ସାଉଦି ଆରବର ପ୍ରିନ୍ସ ତଥା ପ୍ରଧାନମନ୍ତ୍ରୀ ମହମ୍ମଦ୍ ବିନ୍ ସଲମାନ୍‌ଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ ଏହି ଗସ୍ତରେ ଯାଇଛନ୍ତି । ଏହି ଗସ୍ତ ଭାରତ-ସାଉଦି ସମ୍ପର୍କକୁ ଅର୍ଥନୈତିକ, ପ୍ରତିରକ୍ଷା ଏବଂ ସାଂସ୍କୃତିକ କ୍ଷେତ୍ରରେ ବ୍ୟାପକ ରଣନୀତିକ ଭାଗିଦାରୀରେ ପରିଣତ କରିବ ବୋଲି ଆଶା କରାଯାଉଛି । ଉଭୟ ଦେଶ ମଧ୍ୟରେ ସୁଦୃଢ଼ ଏବଂ ବହୁମୁଖୀ ଅର୍ଥନୈତିକ ଭାଗିଦାରୀ ରହିଆସିଛି । ଦୁଇଦେଶ ମଧ୍ୟରେ ଶତାବ୍ଦୀ ପୁରାତନ ସମ୍ପର୍କ ରଣନୀତିକ ଭାଗିଦାରୀଦ୍ୱାରା ଅଧିକ ସୁଦୃଢ଼ ହେବ ବୋଲି କୁହାଯାଇଛି । ସାଉଦି ଆରବରେ ରହୁଥିବା ପ୍ରବାସୀ ଭାରତୀୟ ସେଠାକାର ଅର୍ଥନୈତିକ ଏବଂ ସାମାଜିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛନ୍ତି ।

ସାଉଦି ଆରବରେ ପ୍ରବାସୀ ଭାରତୀୟଙ୍କ ସଂଖ୍ୟା ଏବେ ଦ୍ୱିତୀୟ ବୃହତ୍ତମ ବୋଲି ଜଣାପଡ଼ିଛି । ସାଉଦି ଆରବର ମହତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ ‘ଭିଜନ-୨୦୩୦’ ଅଧୀନରେ ନିର୍ମାଣ, ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା, ଶିକ୍ଷା

ଏବଂ ସେବା ଓ ସମ୍ପ୍ରସାରଣ ଆଦି ବିଭିନ୍ନ କ୍ଷେତ୍ରରେ ଭାରତୀୟଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ।

ଜି-୨୦ ସଭାପତିତ୍ୱ ଅବସରରେ ଭାରତ ସହ ସାଉଦି ଆରବ ସମେତ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ୨୦୨୫ ସୁଦ୍ଧା ଶ୍ରମ ଶକ୍ତି ଅଂଶଗ୍ରହଣରେ ଲିଙ୍ଗଗତ ବ୍ୟବଧାନକୁ ୨୫ ପ୍ରତିଶତ ହ୍ରାସ କରିବାକୁ ସହମତ ହୋଇଥିଲେ । ମହିଳାଙ୍କ କ୍ଷେତ୍ରରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ, ଶିକ୍ଷା, ସ୍ୱାସ୍ଥ୍ୟସେବା ଉପଲବ୍ଧତା ଏବଂ ନେତୃତ୍ୱ ବିକାଶ ଉପରେ ଏହି ନିଷ୍ପତ୍ତି ଗୁରୁତ୍ୱ ପ୍ରଦାନ କରିଛି । ଦୁଇ ଦେଶ ମଧ୍ୟରେ ଜ୍ଞାନର ଆଦାନପ୍ରଦାନ ଯଥେଷ୍ଟ ମୂଲ୍ୟବାନ ସାବ୍ୟସ୍ତ ହୋଇଛି ।

## ଆର୍ଥଡେ

ପରିବେଶ ସୁରକ୍ଷା ସମ୍ପର୍କରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ପୃଥିବୀ ଦିବସ ପାଳନ କରାଯାଉଛି । ୧୯୬୯ ମସିହାରେ ଜାତିସଂଘର ସାଧାରଣ ପରିଷଦ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ୧୯୭୦ ମସିହାରୁ ଏହି ଦିବସ ପାଳିତ ହୋଇଆସୁଛି । ଚଳିତ ବର୍ଷର ବିଷୟବସ୍ତୁ ରହିଛି, ଆମ ଶକ୍ତି ଆମ ଗ୍ରହ ।

# ଅମିତ ଶାହା-ଏନ୍ଏଏସ୍ସି

ନୂଆଦିଲ୍ଲୀର ଏନ୍.ଏ.ଏସ୍.ସି. ପରିସରରେ ଆଜି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା 'ସେଭ୍ ଆର୍ଥ କନ୍‌କ୍ଲେଭ୍'କୁ ଉଦ୍‌ଘାଟନ କରିବେ । ଜଳବାୟୁ ପରିବର୍ତ୍ତନର ମୁକାବିଲା ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାର ଲକ୍ଷ୍ୟ ନେଇ ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ । ଏ ସମ୍ପର୍କରେ ସୂଚନା ଦେଇ ମହାରାଷ୍ଟ୍ରରେ ପରିବେଶ ଏବଂ ନିରନ୍ତର ବିକାଶ ଲକ୍ଷ୍ୟ ନେଇ ଗଠିତ ମୁଖ୍ୟ ମନ୍ତ୍ରୀଙ୍କ ଟାସ୍କଫୋର୍ସ୍‌ର ଅଧ୍ୟକ୍ଷ ପାସା ପଟେଲ୍ କହିଛନ୍ତି, ଲାଟୁର୍‌ର ଫୋନିକ୍ସ ଫାଉଣ୍ଡେସନ୍ ସଂସ୍ଥା ଏବଂ ଇଣ୍ଡିଆନ୍ ଚାମ୍ବର୍‌ଅଫ୍ ଫୁଡ୍ ଆଣ୍ଡ ଏଗ୍ରୀକଲଚର୍ ଆନୁକୂଲ୍ୟରେ ଏହି ସମ୍ମିଳନୀର ଆୟୋଜନ କରାଯାଇଛି । ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ୧୨ଶହ ପ୍ରତିନିଧି ଯୋଗଦେବାର ଆଶା କରାଯାଉଛି ବୋଲି ସେ କହିଛନ୍ତି । ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଏବଂ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ମଧ୍ୟ ଏହି ଦିନିକିଆ ସମ୍ମିଳନୀର ପୃଥକ ପୃଥକ ଅଧିବେଶନରେ ଯୋଗଦେବେ ବୋଲି ସେ ସୂଚନା ଦେଇଛନ୍ତି । ଜଳବାୟୁ ପରିବର୍ତ୍ତନର ମୁକାବିଲା ଏବଂ ସବୁଜ ଉଦ୍ଭାବନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ୧୫ ଜଣଙ୍କୁ ଇଣ୍ଡିଆ ସଷ୍ଟେନେବଲିଟି ପୁରସ୍କାର-୨୦୨୫ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି ।

## ଇଣ୍ଡିଆ-ପୋପ ଷ୍ଟେଟ୍

ପୋପ୍ ଫ୍ରାନ୍‌ସିସ୍‌ଙ୍କ ପରଲୋକରେ କେନ୍ଦ୍ର ସରକାର ତାଙ୍କୁ ଶ୍ରଦ୍ଧାଞ୍ଜଳୀ ପ୍ରଦାନ ସ୍ୱରୂପ ତିନି ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରିଛନ୍ତି । ଆଜି ଏବଂ ଆସନ୍ତାକାଲି ଦୁଇ ଦିନିଆ ରାଷ୍ଟ୍ରୀୟ ଶୋକ ପାଳନ କରାଯିବା ବେଳେ ଅନ୍ତିମ ସଂସ୍କାର ଦିନ ମଧ୍ୟ ଦିନିକିଆ ରାଷ୍ଟ୍ରୀୟ ଶୋକ ପାଳନ କରାଯିବ । ଏହି ସମୟରେ ଜାତୀୟ ପତାକା ଅର୍ଦ୍ଧନମିତ ରହିବା ସହ ସମସ୍ତ ପ୍ରକାର ସରକାରୀ ମନୋରଞ୍ଜନ ଧର୍ମୀ କାର୍ଯ୍ୟ ଗୁଡ଼ିକୁ ବାତିଲ କରାଯାଇଛି ।

## ଜେପିସି-ଓଏନ୍‌ଓଇ

ଏକ ଦେଶ ଏକ ନିର୍ବାଚନ ସଙ୍କ୍ରାନ୍ତ ଯୁଗ୍ମ ସଂସଦୀୟ କମିଟି ବୈଠକ ଆଜି ଅନୁଷ୍ଠିତ ହେବ । ପ୍ରଥମ ଅଧିବେଶନରେ ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ହେମନ୍ତ ଗୁପ୍ତାଙ୍କ ସହ କମିଟି ଆଲୋଚନା କରିବ । ଅନ୍ୟମାନଙ୍କ ମଧ୍ୟରେ ଜାମ୍ମୁ କାଶ୍ମୀର ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍.ଏନ୍. ଝା, ସୁପ୍ରିମ୍‌କୋର୍ଟ୍‌ର ପୂର୍ବତନ ବିଚାରପତି ତଥା ଭାରତୀୟ ୨୧ତମ ଲ' କମିଶନ୍‌ର ଅଧ୍ୟକ୍ଷ ଡକ୍ଟର ଜଷ୍ଟିସ୍ ବି.ଏସ୍. ଚୌହାନ ବୈଠକରେ କମିଟି ସଦସ୍ୟଙ୍କ ସହ ମତବିନିମୟ କରିବେ । ଆଜି ବୈଠକର ଅନ୍ତିମ ଅଧିବେଶନରେ ରାଜ୍ୟସଭା ସଦସ୍ୟ ତଥା ବରିଷ୍ଠ ଆଇନ୍‌ଜୀବୀ ଡକ୍ଟର ଅଭିଶେକ ମନୁ ସିଂଘଭିଙ୍କ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

# ଜେଡି ଭାନ୍ସ

ଆମେରିକାର ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ଆଲୋଚନା ଏକ ଗୌରବର ବିଷୟ । ଶ୍ରୀ ମୋଦୀ ଜଣେ ମହାନ ନେତା ଏବଂ ଭାରତ ଗସ୍ତର ପ୍ରଥମ ଦିନରେ ତାଙ୍କ ସହ ସାକ୍ଷାତ ହେବା ଗୌରବର ବିଷୟ ବୋଲି ଶ୍ରୀ ଭାନ୍ସ୍ କହିଛନ୍ତି । ନୂଆଦିଲ୍ଲୀ ସ୍ଥିତ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ତାଙ୍କ ପରିବାରର ରହଣି ପାଇଁ ଆୟୋଜନ କରିଥିବାରୁ ଶ୍ରୀ ଭାନ୍ସ’ ଶ୍ରୀ ମୋଦୀଙ୍କୁ ବିଶେଷ କୃତଜ୍ଞତା ଜ୍ଞାପନ କରିଛନ୍ତି । ଦୁଇ ଦେଶ ମଧ୍ୟରେ ବନ୍ଧୁତ୍ୱ ଏବଂ ସହଯୋଗକୁ ଅଧିକ ସୁଦୃଢ଼ କରିବାକୁ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଅନ୍ୟ ପକ୍ଷରେ ଶ୍ରୀ ଭାନ୍ସ ତିନି ଦିନିଆ ଗସ୍ତରେ ଯାଇ ଗତ ରାତିରେ ଜୟପୁରରେ ପହଞ୍ଚିଛନ୍ତି । ଶ୍ରୀ ଭାନ୍ସଙ୍କ ସହ ତାଙ୍କ ପରିବାର ଏବଂ ଆମେରିକାର ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ପ୍ରତିନିଧି ମଣ୍ଡଳୀ ଜୟପୁର ଯାଇଛନ୍ତି । ଐତିହାସିକ ଆମେର୍ ଦୁର୍ଗ ଆଜି ସେମାନେ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି । ଅପରାହ୍ଣରେ ଜୟପୁର ଠାରେ ଭାରତ-ଆମେରିକା ବାଣିଜ୍ୟ ସମ୍ପର୍କର ଭବିଷ୍ୟତ ଶୀର୍ଷକ ବ୍ୟାବସାୟିକ ଶିଖର ସମ୍ମିଳନୀକୁ ଶ୍ରୀ ଭାନ୍ସ ସମ୍ବୋଧନ କରିବେ । ଏହି ଗସ୍ତ ଅବସରରେ ଶ୍ରୀ ଭାନ୍ସ ରାଜ୍ୟପାଳ ହରିଭାଉ ବାଗଡ଼େ ଏବଂ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମାଙ୍କ ସହ ସାକ୍ଷାତ ଆଲୋଚନା କରିବେ ।

# ସୀତାରମଣ-ୟୁଏସ୍

ଆମେରିକୀୟ ପ୍ରଶାସନ ସହିତ ଭାରତ ସକ୍ରିୟ ଭାବରେ ଯୋଗାଯୋଗରେ ରହିଛି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଚଳିତ ବର୍ଷ ସକାରାତ୍ମକ ଭାବେ ଶେଷ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ଚଳିତ ବର୍ଷ ପ୍ରାରମ୍ଭରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ହୋଇଥିଲା । ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟ କାରବାରକୁ ଦ୍ୱିଗୁଣିତ କରି ୫୦୦ ବିଲିୟନ୍ ଆମେରିକୀୟ ଡଲାର୍‌ରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି ।

ଆମେରିକା ଗସ୍ତ ଅବସରରେ ଅର୍ଥମନ୍ତ୍ରୀ ସେଠାକାର ଟ୍ରେଜେରୀ ସେକ୍ରେଟେରୀ ସ୍କଟ୍ ବେସେଣ୍ଟଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ସେହିଭଳି ଆମେରିକାର ବାଣିଜ୍ୟ ପ୍ରତିନିଧିଙ୍କ କାର୍ଯ୍ୟାଳୟ ଠାରେ ଅଧିକାରୀ ସ୍ତରୀୟ ଆଲୋଚନା ବୈଠକରେ ଅର୍ଥମନ୍ତ୍ରୀ ଯୋଗଦେବେ । ଶ୍ରୀମତୀ ସୀତାରମଣ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଏବଂ ନିରନ୍ତର କାର୍ଯ୍ୟାବଳୀ ଭାରତକୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ପରିଣତ କରିଛି ।

୫ ଦିନିଆ ଗସ୍ତ ଅବସରରେ ଶ୍ରୀମତୀ ସୀତାରମଣ ଷ୍ଟାନ୍‌ଫୋର୍ଡ୍ ବିଶ୍ୱବିଦ୍ୟାଳୟରେ ବିଖ୍ୟାତ ଭାଷଣ ପ୍ରଦାନ କରିବା ସହ କେତେକ

ବ୍ୟାବସାୟିକ ସଂସ୍ଥାର ମୁଖ୍ୟଙ୍କ ସହ ଆଲୋଚନା ବୈଠକରେ ଯୋଗଦେବେ । ପ୍ରବାସୀ ଭାରତୀୟଙ୍କ ଏକ କାର୍ଯ୍ୟକ୍ରମରେ ମଧ୍ୟ ଅର୍ଥମନ୍ତ୍ରୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ୱାଶିଂଟନ୍ ଡିସି ଠାରେ ଅର୍ଥମନ୍ତ୍ରୀ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଏବଂ ବିଶ୍ୱବ୍ୟାଙ୍କ୍‌ର ସ୍ପ୍ରିଙ୍ଗ୍ ବୈଠକ, ଜି-୨୦ ଅର୍ଥମନ୍ତ୍ରୀ ଓ କେନ୍ଦ୍ରୀୟ ବ୍ୟାଙ୍କ୍ ଗଭର୍ଣ୍ଣର ବୈଠକରେ ମଧ୍ୟ ଯୋଗଦେବେ । ଆମେରିକା ଗସ୍ତ ଶେଷ କରି ଆନ୍ତା ୨୬ ତାରୁଖରୁ ୩୦ ତାରିଖ ପର୍ଯ୍ୟନ୍ତ ଅର୍ଥମନ୍ତ୍ରୀ ପେରୁ ଗସ୍ତ କରିବେ ।

## ଚିଫ୍ ଜଷ୍ଟିସ୍ ଅଫ୍ ଇଣ୍ଡିଆ-ହାଙ୍ଗ୍‌ଜୋ

୨୦ତମ ସାଂଘାଇ ସହଯୋଗ ସଂଗଠନର ପ୍ରଧାନ ବିଚାରପତିଙ୍କ ବୈଠକରେ ଯୋଗଦେବା ପାଇଁ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ସଞ୍ଜିବ୍ ଖାନ୍ନା ଗତକାଲି ହାଙ୍ଗ୍‌ଜୋରେ ପହଞ୍ଚିଛନ୍ତି । ସେଠାରେ ଚୀନ୍‌ର ସୁପ୍ରିମ୍ ପିପୁଲ୍ସ କୋର୍ଟ୍‌ରେ କାର୍ଯ୍ୟ ନିର୍ବାହୀ ଉପାଧ୍ୟକ୍ଷ ଡେଙ୍ଗ୍ ସିୟୁମିଙ୍ଗ୍ ଏବଂ ସାଙ୍ଘାଇ ସ୍ଥିତ ଭାରତୀୟ କନ୍‌ସୁଲେଟ୍ ଜେନେରାଲ୍ ପ୍ରତୀକ ମାଥୁର୍ ତାଙ୍କୁ ସ୍ୱାଗତ କରିଥିଲେ । ଚୀନ୍‌ର ସଭାପତିତ୍ୱରେ ଆୟୋଜିତ ହେଉଥିବା ଏହି ବୈଠକରେ ସଂଗଠନର ବିକାଶକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଏକାଧିକ ଅଧିବେଶନ ଅନୁଷ୍ଠିତ ହେବ । ସାଂଘାଇ ସହଯୋଗ ସଂଗଠନରେ ଚୀନ୍ ସମେତ ରୁଷ, ଭାରତ, ଇରାନ୍, କାଜାଖସ୍ତାନ, କିର୍‌ଗିଜ୍‌ସ୍ତାନ, ପାକିସ୍ତାନ, ତାଜିକିସ୍ତାନ, ଉଜ୍‌ବେକିସ୍ତାନ ଏବଂ ବେଲାରୁଷ ଆଦି ୧୦ଟି ସଦସ୍ୟ ରାଷ୍ଟ୍ର ରହିଛନ୍ତି ।

# ଇଷ୍ଟର ଟ୍ରୁସ୍-ଏଣ୍ଡେଡ୍

ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ କହିଛନ୍ତି, ରୁଷ ପକ୍ଷରୁ ଏକତରଫା ଭାବେ ଗ୍ରହଣ କରାଯାଇଥିବା ୩୦ ଘଣ୍ଟିଆ ଇଷ୍ଟର୍ ଯୁଦ୍ଧବିରତି ଶେଷ ହୋଇଛି । ୟୁକ୍ରେନ୍‌ରେ ଏବେ ରୁଷ ପକ୍ଷରୁ ସ୍ୱତନ୍ତ୍ର ସାମରିକ ଅଭିଯାନ ସମ୍ପୂର୍ଣ୍ଣ ଶକ୍ତି ସହିତ ଆରମ୍ଭ କରାଯାଇଛି । ସ୍ଥାନୀୟ ସମୟ ଅନୁଯାୟୀ ରବିବାର ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲିଥିବା ଏହି ଅସ୍ତ୍ରବିରତିକୁ ଉଲ୍ଲଙ୍ଘନ ନେଇ ଉଭୟ ପକ୍ଷ ଅଭିଯୋଗ କରିଥିଲେ । ମସ୍କୋରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗଣମାଧ୍ୟମକୁ ସମ୍ବୋଧନ କରି ରାଷ୍ଟ୍ରପତି ପୁଟିନ୍ କହିଛନ୍ତି, ଯୁଦ୍ଧ ବିରତି ସମୟରେ ୟୁକ୍ରେନ୍ ସଶସ୍ତ୍ର ବାହିନୀର ସାମରିକ କାର୍ଯ୍ୟକଳାପ ହ୍ରାସ ପାଇଥିଲା । ବେସାମରିକ ଅଞ୍ଚଳ ଉପରେ ଆକ୍ରମଣକୁ ଏଡ଼ାଇବା ପାଇଁ କିଭ୍‌ର ପ୍ରସ୍ତାବ ସମ୍ପର୍କରେ ରୁଷ ଦ୍ୱିପାକ୍ଷିକ ଆଲୋଚନା ପାଇଁ ପ୍ରସ୍ତୁତ ଅଛି ବୋଲି ଶ୍ରୀ ପୁଟିନ୍ ସୂଚନା ଦେଇଛନ୍ତି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ବିଜୟୀ ହୋଇଛି । କୋଲକାତାର ଇଡେନ୍‌ଗାର୍ଡେନ୍ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଗୁଜରାଟ ୩୯ରନ୍‌ରେ କୋଲକାତା ନାଇଟ୍ ରାଇଡର୍ସ୍‌କୁ ପରାସ୍ତ କରିଛି । ଟସ୍ ଜିତି କୋଲକାତା ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ ଆରମ୍ଭ କରି ଗୁଜରାଟ ଟାଇଟନ୍ସ ୩ ୱିକେଟ୍ ବିନିମୟରେ ୧୯୮ରନ୍ ସଂଗ୍ରହ କରିଥିଲା । ଦଳ

ପକ୍ଷରୁ ଅଧିନାୟକ ଶୁଭମିନ୍ ଗିଲ୍ ୯୦ରନ୍ ଏବଂ ସାଇ ସୁଦର୍ଶନ ୫୨ରନ୍ ସଂଗ୍ରହ କରିଥିଲେ ।

୧୯୯ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି କୋଲକାତା ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ବିନିମୟରେ ୧୫୯ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ଅଜିଙ୍କ୍ୟ ରାହାଣେ ୫୦ରନ୍ ସଂଗ୍ରହ କରିଥିଲେ । ଶୁଭମନ ଗିଲ୍‌ଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି । ଏହି ବିଜୟ ସହ ଗୁଜରାଟ ଟାଇଟନ୍ସ ପଏଣ୍ଟ ତାଲିକାର ଶୀର୍ଷରେ ପହଞ୍ଚିଛି । ୮ଟି ମ୍ୟାଚ୍‌ରୁ ୬ଟି ବିଜୟ ସହ ଗୁଜରାଟ ୧୨ ପଏଣ୍ଟ ହାସଲ କରିଛି । ଅନ୍ୟ ପକ୍ଷରେ କୋଲକାତା ୮ଟି ମ୍ୟାଚ୍‌ରୁ ୩ଟି ବିଜୟ ସହ ୬ ପଏଣ୍ଟ ପାଇ ତାଲିକାର ସପ୍ତମ ସ୍ଥାନରେ ରହିଛି ।

ଆଜି ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମୁକାବିଲା ହେବ । ଲକ୍ଷ୍ନୌର ଏକନା ଷ୍ଟାଡିୟମ୍ ଠାରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ ।